Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 189
Monday, 14 Setember 2026
Balasore, Page : 8, ₹ 2/
ବାଲେଶ୍ୱର, ସୋମବାର, ୧୪ ସେପ୍ଟେମ୍ବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

# ସେଇଠୁ ଆରମ୍ଭ
# SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ





**ବକ୍ରତୁଣ୍ଡ ମହାକାୟ**
**ସୂର୍ଯ୍ୟକୋଟି ସମପ୍ରଭଃ,**
**ନିର୍ବିଘ୍ନଂ କୁରୁ ମେ ଦେବ**
**ସର୍ବକାର୍ଯ୍ୟେଷୁ ସର୍ବଦା ।**

ବିଘ୍ନବିନାଶକ ପ୍ରଭୁ ଶ୍ରୀଗଣେଶ ଆମ ସମସ୍ତଙ୍କୁ ଶୁଭବୁଦ୍ଧି ଦିଅନ୍ତୁ । ଆମ ଜୀବନରୁ ବିଘ୍ନ ଦୂର ହେଉ, ସମାଜରେ ଶାନ୍ତି ଓ ସଦ୍‌ଭାବ ବଢ଼ୁ । ଦେଶ ଜ୍ଞାନ ଓ ପ୍ରଗତିର ପଥରେ ଆହୁରି ଆଗକୁ ବଢ଼ୁ । ଏହା ହିଁ ହେଉ ଗଣେଶ ପୂଜାର ମହାସଂକଳ୍ପ -ସଂପାଦକ

## ଓରାଂଉଟାନ୍ ଚାଲାଣ ମାମଲା : ଓଡ଼ିଶାରୁ ହାଓ୍ୱଡ଼ା ଲମ୍ବିଛି ଚେର

ଭୁବନେଶ୍ୱର, ୧୩।୯ (ଆ.ପ୍ର) : ଓରାଂଉଟାନ ଚାଲାଣ, ହାଓ୍ୱଡ଼ାରେ ତନାଘନା । ହୋଟେଲ ମାଲିକଙ୍କ ପରିବାର ଲୋକଙ୍କୁ ଜେରା । ଧରାପଡ଼ିଲା ସିସିଟିଭି ଫୁଟେଜ୍ ଓ ଥାର୍ ଗାଡ଼ି । ଓରାଂଉଟାନ୍ ଚୋରା ଚାଲାଣ ମାମଲାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତ ହାଓ୍ୱଡ଼ାର ଜୟନ୍ତ ମାଇତି ଓ ପୁଅ ସୌମ୍ୟଜିତ୍ ମାଇତି ଫେରାର ଅଛନ୍ତି । ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି ଏସଟିଏଫ୍ । ସିସିଟିଭି ଫୁଟେଜ ଓ ସନ୍ଦେହରେ ଥିବା ଥାର ଗାଡ଼ିର ତଥ୍ୟକୁ ଆଧାର କରି ତନାଘନା ଚଲାଇଛନ୍ତି । ଦୁଇ ଜଣଙ୍କ ପତ୍ତା ମିଳୁନଥିବାବେଳେ ଏସଟିଏଫ ଟିମ୍ ଅଭିଯୁକ୍ତଙ୍କ ହାଓ୍ୱଡ଼ା ସ୍ଥିତ ଘରେ ପହଂଚି ଯାଂଚ କରିଛନ୍ତି । ପରିବାର ଲୋକଙ୍କୁ ପଚରାଉଚୁରା କରିଛି । ଏହା ଭିତରେ ସାମନାକୁ ଆସିଛି ଥାର ଗାଡ଼ିର ତଥ୍ୟ । ଗାଡ଼ିର ନମ୍ବର - WB56T-0333 । ଏହି ଥର ଗାଡ଼ିର ସେକେଣ୍ଡ ମାଲିକ ହେଉଛନ୍ତି ମୁଖ୍ୟ ଅଭିଯୁକ୍ତ ଗ୍ରାଣ୍ଡ ହେରିଟେଜ ହୋଟେଲ ମାଲିକ ଜୟନ୍ତ ମାଇତି । ଅନ୍ୟପଟେ ଦୀଘାର ସେହି ସନ୍ଦେହଜନକ ହୋଟେଲ ରୁ STFକୁ ବଡ଼ ସୁରାକ ମିଳିଛି । ହୋଟେଲ କର୍ମଚାରୀଙ୍କୁ ପଚରାଉଚୁରା କରିବା ସହ







ସିସିଟିଭିର ହାର୍ଡଡିସ୍କ ନେଇଛି STF । ଓରାଙ୍ଗଉଟାନ ପଛରେ କାରାଣ କଣ ସେ ସବୁ ସେହି ହାର୍ଡଡିସ୍କରୁ ତଥ୍ୟ ମିଳିପାରେ ବୋଲି ଅନୁମାନ କରାଯାଉଛି । ଏପଟେ ପାଂଚ ଓରାଙ୍ଗଉଟାନଙ୍କ ଉଦ୍ଧାର ସହ ଥାରର କଣ ସମ୍ପର୍କ ରହିଛି ? ଏସବୁର ଉତ୍ତର ଖୋଜୁଛି STF । ସେପଟେ ନନ୍ଦନକାନନରେ ପାଂଚ ଓରାଙ୍ଗଉଟାନଙ୍କ ଯତ୍ନ ନିଆଯାଉଛି । ବିଶେଷଜ୍ଞଙ୍କ କହିବା କଥା ଓରାଙ୍ଗଉଟାନ ଛୁଆ ସାଧାରଣତଃ ଦୀର୍ଘ ବର୍ଷ ଧରି ମାଆ ସହ ରହିଥାଏ ।ତେଣୁ ମାଆଠାରୁ ଅଲଗା ହୋଇଥିବା ଏହି କଅଁଳ ଜୀବଙ୍କୁ ମାଆ ଭଳି ଯତ୍ନ ନେବା ଏବେ ସବୁଠୁ ବଡ଼ ଚ୍ୟାଲେଞ୍ଜ । ଖାଦ୍ୟ ସହ ଚିକିତ୍ସା, ମାନସିକ ଚାପ କମାଇବା ଉପରେ ରହିଛି ନଜର । ପ୍ରଥମ ସ୍ୱାସ୍ଥ୍ୟ ପରୀକ୍ଷା ବେଳେ ଓରାଙ୍ଗଉଟାନଙ୍କ ଠାରେ ଷ୍ଟ୍ରେସ୍‌ର ଲକ୍ଷଣ ମିଳିଥିଲା । ତେଣୁ ନମୁନା ସଂଗ୍ରହ କରାଯାଇନଥିଲା । ଏବେ ସାତ ଦିନ ନିରୀକ୍ଷଣ ପରେ ରକ୍ତ ପରୀକ୍ଷା, DNA ଟେଷ୍ଟ ସହ ଅନ୍ୟାନ୍ୟ ପରୀକ୍ଷା କରାଯିବ । ଦୁଇଟି ଓରାଙ୍ଗଉଟାନଙ୍କଠାରେ କୃମି ଥିବା ସୂଚନା ମଧ୍ୟ ମିଳିଛି । ତେବେ ଏହା କେବଳ ପାଂଚ ଓରାଙ୍ଗଉଟାନଙ୍କ ଉଦ୍ଧାର ଘଟଣା ନୁହେଁ, ଏହା ପଛରେ ଆଉ କିଛି ବଡ଼ ରହସ୍ୟ ଅଛି କି? ସିସିଟିଭି, ଗାଡ଼ିର ତଥ୍ୟ ଏବଂ ଫେରାର ବାପା-ପୁଅ ସବୁ ଏବେ ଏସଟିଏଫ ତଦନ୍ତର କେନ୍ଦ୍ରବିନ୍ଦୁରେ । ଅପେକ୍ଷା କେବେ ଏସଟିଏଫ ପଞ୍ଜାରେ ପଡୁଛନ୍ତି ଏହି ଦୁଇ ଜଣ, ଆଉ କେବେ ଖୋଲୁଛି ଓରାଙ୍ଗଉଟାନ ରହସ୍ୟର ପୂରା ଗୁମର ।

## ଦୁବାଇ ଗସ୍ତରୁ ଫେରିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୯ (ଆ.ପ୍ର) : ୫ ଦିନିଆ ୟୁଏଇ ଗସ୍ତ ସାରି ଫେରିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଭୁବନେଶ୍ୱରରେ ପହଂଚିବା ପରେ ବିମାନବନ୍ଦରରେ ଭବ୍ୟ ସ୍ୱାଗତ କରାଯାଇଛି । ପହଂଚିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ଅଧିକରୁ ଅଧିକ ନିବେଶ ଓ ନିଯୁକ୍ତି ସୃଷ୍ଟି ଆମର ଲକ୍ଷ୍ୟ । ଡବଲ ଇଞ୍ଜିନ ସରକାର ମାଧ୍ୟମରେ ଶିଳ୍ପାୟନକୁ ଗୁରୁତ୍ୱ ଦେବା ଏବଂ ଯୁବପିଢ଼ିଙ୍କ ଭବିଷ୍ୟତ ନିର୍ମାଣ କରିବାପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି । ଜାନୁୟାରୀ ୨୦୨୫ରୁ ଉତ୍କର୍ଷ ଓଡ଼ିଶା ଠାରୁ ଦେଶର ବିଭିନ୍ନ ସହର ଏବଂ ରାଜ୍ୟକୁ ଯାଇ ଆଲୋଚନା କରାଯାଇଛି । ଶିଳ୍ପାୟନକୁ ଏକ ନୂଆ ରୂପ ଦେବା ପାଇଁ ଦିଲ୍ଲୀ, ଗୁଜରାଟ, ହାଇଦ୍ରାବାଦ, କଲିକତା, ମୁମ୍ବାଇ ସହ ସିଙ୍ଗାପୁର ଏବଂ ୟୁଏଇ ଯାଇ ଅଧିକ ପୁଞ୍ଜି ଆଣିବା ପାଇଁ ଯାଇଥିଲୁ । ଏହି ଉଦ୍ୟମ ରାଜ୍ୟ ଅର୍ଥନୀତି ଅଭିବୃଦ୍ଧି ଏବଂ ନିଯୁକ୍ତି ପାଇଁ ଏହି ଫୋକସ କରାଯାଇଛି । ସମୃଦ୍ଧ ଓଡ଼ିଶା ଗଠନ କରିବାରେ ଏହା ଏକ ମାଇଲଷ୍ଟନ । ୩ ଦିନରେ ୫୨ଟି ବୈଠକ ହୋଇଛି । ୬ଟି ରାଉଣ୍ଡ ଟେବୁଲ ବୈଠକ, ୪୬ଟି ୱାନ ଟୁ ୱାନ୍ ହୋଇଛି । କେବଳ ୟୁଏଇ ନୁହଁ ଗଲ୍ଫ କଂଟ୍ରି, ଜୋର୍ଡାନ, ଏବଂ ଓମାନରୁ ମଧ୍ୟ ଟିମଙ୍କ ସହ ଆଲୋଚନା ହୋଇଛି । ସମୁଦାୟ ୮ଟି ଏମଓୟୁ ୧୬ଟି ନିବେଶ ସମ୍ଭାବନା ସୃଷ୍ଟି ହୋଇଛି । 'ରାଜ୍ୟକୁ ୨ ଲକ୍ଷ ୪୩ ହଜାର କୋଟି ଟଙ୍କାର ନିବେଶ ଆସିବ । ୬ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ପରୋକ୍ଷରେ ୯ଲକ୍ଷ ନିଯୁକ୍ତି ସମ୍ଭାବନା ଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ । ସେପଟେ ବିରୋଧୀ କଂଗ୍ରେସ ଓ ବିଜେଡି ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତକୁ ସମାଲୋଚନା କରିଛନ୍ତି । କଂଗ୍ରେସ ତରଫରୁ କୁହାଯାଇଛି କି, ମୁଖ୍ୟମନ୍ତ୍ରୀ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ପୁଞ୍ଜି ଆଣିବା ଆଳରେ ବିଦେଶ ଯାଉଛନ୍ତି । ହେଲେ ପ୍ରତିଥର ଫେରି ଲୋକଙ୍କୁ ସୁନେଲି ସ୍ୱପ୍ନ ଦେଖାଉଛନ୍ତି, ମାତ୍ର ପୁଞ୍ଜି କେଉଁଠୁ ଆସୁଛି, କେତେ ବିନିଯୋଗ ହେଉଛି ଓ ରାଜ୍ୟର ବେରୋଜଗାର ଯୁବକଯୁବତୀଙ୍କୁ କେତେ ନିଯୁକ୍ତି ମିଳୁଛି ତାହା ଜଣାପଡୁନି, ଏଥର ମୁଖ୍ୟମନ୍ତ୍ରୀ ଯଦି ଦୃଢ଼ତାର ସହ କହୁଛନ୍ତି କି, ନିବେଶ ଓ ନିଯୁକ୍ତି ନେଇ ଭଲ ସୁଯୋଗ ସୃଷ୍ଟି ହୋଇଛି ତେବେ ଏନେଇ ସରକାରଙ୍କ ତରଫରୁ ଏକ ଶ୍ୱେତପତ୍ର ଜାରି କରଯାଉ । ଅନ୍ୟପଟେ ବିଜେଡି କହିଛି କି, ସରକାର ଅଢ଼େଇ ବର୍ଷ ଧରି ଲୋକଙ୍କୁ ଭୂଆଁ ବୁଲାଉଛନ୍ତି । ରାସନ ଚାଉଳରୁ ନେଇ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ଦେଇପାରୁନଥିବା ସରକାର ନିବେଶ ଓ ନିଯୁକ୍ତି ନାମରେ ନିଜର ବିଫଳତାକୁ ଲୁଚାଇବାକୁ ଚେଷ୍ଟା କରୁଛନ୍ତି ।



## ୟୁକ୍ରେନ୍ ଯୁଦ୍ଧ ଶେଷ ପାଇଁ ମୋଦୀ-ଜିନ୍‌ପିଙ୍ଗ୍‌ଙ୍କ ସହାୟତା ପ୍ରସ୍ତାବକୁ ରୁଷ୍‌ର ସ୍ୱାଗତ

ନୂଆଦିଲ୍ଲୀ, ୧୩।୯ (ନ୍ୟୁ.ଏ): ରୁଷ୍-ୟୁକ୍ରେନ୍ ଯୁଦ୍ଧର ଅବସାନ ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ ସହାୟତା ପ୍ରସ୍ତାବକୁ ରୁଷ୍ ସ୍ୱାଗତ କରିଛି । ନୂଆଦିଲ୍ଲୀରେ ଚାଲିଥିବା ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ଏହି ଦୁଇ ନେତା ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କୁ ଯୁଦ୍ଧ ଶେଷ କରିବା ପାଇଁ ନିଜ ନିଜର କୂଟନୈତିକ ସହଯୋଗ ଦେବାକୁ ଆଗ୍ରହ ପ୍ରକାଶ କରିଥିବା କ୍ରେମ୍‌ଲିନ୍ କହିଛି । କ୍ରେମ୍‌ଲିନ୍‌ର ମୁଖପାତ୍ର ଦିମିତ୍ରି ପେସ୍‌କୋଭ୍ କହିଛନ୍ତି, ମୋଦୀ ଓ ଜିନ୍‌ପିଙ୍ଗ୍ ଉଭୟେ ପୁଟିନ୍‌ଙ୍କୁ ନିଜ ଦେଶର 'ସଦିଚ୍ଛାପୂର୍ଣ୍ଣ ସହଯୋଗ' ଦେବାକୁ ପ୍ରସ୍ତାବ ଦେଇଛନ୍ତି । ଏହାଦ୍ୱାରା ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଆଲୋଚନା ଆଗକୁ ବଢ଼ାଇବାରେ ଦୁଇ ଦେଶ ସହାୟକ ହୋଇପାରନ୍ତି । ମୋଦୀଙ୍କ ପକ୍ଷରୁ ଏଭଳି ସହଯୋଗ ପ୍ରସ୍ତାବ ପୂର୍ବରୁ ମଧ୍ୟ ଦିଆଯାଇଥିବା ରୁଷ୍ ସୂଚନା ଦେଇଛି । ଏହି ଘଟଣା ଏଭଳି ସମୟରେ ସାମ୍ନାକୁ ଆସିଛି, ଯେତେବେଳେ



ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରୁଷ୍-ୟୁକ୍ରେନ୍ ଶାନ୍ତି ଉଦ୍ୟମ ଆଗକୁ ବଢ଼ିପାରୁନାହିଁ । ଯୁଦ୍ଧ ବନ୍ଦ କରିବା ପାଇଁ ଆମେରିକା ପକ୍ଷରୁ ଆଲୋଚନାର ରାସ୍ତା ଖୋଲିବାକୁ ପ୍ରୟାସ ହୋଇଥିଲେ ମଧ୍ୟ ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ମୁଖ୍ୟ ପ୍ରସଙ୍ଗଗୁଡ଼ିକରେ ସହମତି ହୋଇପାରିନାହିଁ । ଫଳରେ ଶାନ୍ତି ଆଲୋଚନା ଅଟକି ରହିଛି । ରୁଷ୍ ପକ୍ଷରୁ ଭାରତର ଭୂମିକାକୁ ନେଇ ମଧ୍ୟ ସକାରାତ୍ମକ ମନୋଭାବ ପ୍ରକାଶ କରାଯାଇଛି । ମୋଦୀ ମଧ୍ୟ ପୁଟିନ୍‌ଙ୍କ ସହ ବୈଠକରେ ଯୁଦ୍ଧର ସମାଧାନ ପାଇଁ କୂଟନୀତି ଓ ଆଲୋଚନାକୁ ଗୁରୁତ୍ୱ ଦେଉଛନ୍ତି । ଚୀନ୍ ମଧ୍ୟ ଯୁଦ୍ଧର ରାଜନୈତିକ ସମାଧାନ ପାଇଁ ଆଲୋଚନା ପକ୍ଷରେ ରହିଛି । ବ୍ରିକ୍ସ ସମ୍ମିଳନୀରେ ମୋଦୀ, ଜିନ୍‌ପିଙ୍ଗ୍ ଓ ପୁଟିନ୍‌ଙ୍କ ଏକାଠି ଆଲୋଚନା ଏହି ପ୍ରସଙ୍ଗରେ ଗୁରୁତ୍ୱ ବହନ କରିଛି । ରୁଷ୍ ଆଶା କରୁଛି, ଯୁଦ୍ଧ ଶେଷ ପାଇଁ କୂଟନୈତିକ ପ୍ରୟାସରେ ଭାରତ ଓ ଚୀନ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇପାରେ ।

## ବଜ୍ରକାପ୍ଟା କାତି ଚାଲାଣ ରାକେଟ୍ ଠାବ, ୬ ଅଭିଯୁକ୍ତ ଗିରଫ

ମାଲକାନଗିରି, ୧୩।୯ (ଆ.ପ୍ର) : ମାଲକାନଗିରି ଜିଲ୍ଲାରେ ବନ ବିଭାଗକୁ ବଡ଼ ସଫଳତା । ବଜ୍ରକାପ୍ଟା କାତି ଚୋରାଚାଲାଣ



ରାକେଟ୍‌ର ପର୍ଦ୍ଦାଫାସ୍ କରିଛି ମାଲକାନଗିରି ବନ ବିଭାଗ । ବଜ୍ରକାପ୍ଟା କାତିର ଡିଲ୍ ଚାଲିଥିବା ବେଳେ ମାଡ଼ି ବସିଛି ବନବିଭାଗ । ମାଲକାନଗିରି ସଦର ନିକଟସ୍ଥ ଡ୍ୟାମ୍ ସାଇଡ୍ ଛକ ନିକଟରେ ଚାଲିଥିଲା ଏହି ଡିଲ୍ । ପୂର୍ବରୁ ଖବର ପାଇ ସେଠାରେ ଜଗି ରହିଥିଲା ବନ ବିଭାଗର ସ୍ୱତନ୍ତ୍ର ଟିମ୍ । ଡିଲ୍ ସମୟରେ ଚଢ଼ାଉ କରି ୩୫୨ଟି ବଜ୍ରକାପ୍ଟା କାତି ଜବତ କରିଛି ବନ ବିଭାଗ । ଏଥିସହ ୩ଟି ବାଇକ୍ ଓ ୫ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି । ଘଟଣାରେ ୬ ଜଣଙ୍କୁ ଗିରଫ କରିଛି ବନ ବିଭାଗ । ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ୪ ଜଣ ମାଲକାନଗିରି ଜିଲ୍ଲାର ହୋଇଥିବା ବେଳେ ଅନ୍ୟ ୨ ଜଣ ବୈପାରୀଗୁଡ଼ା ଅଂଚଳର ବୋଲି ଜଣାପଡ଼ିଛି ।ତେବେ ଏହି ବଜ୍ରକାପ୍ଟା କାତି କେଉଁଠାରୁ ଆସିଥିଲା ଏବଂ କେଉଁଠାକୁ ଚାଲାଣ ହେଉଥିଲା, ତାହାର ଖୋଳତାଡ଼ ଆରମ୍ଭ କରିଛି ବନ ବିଭାଗ । ଏହି ରାକେଟ୍‌ର ଚେର ଅନ୍ୟ ରାଜ୍ୟ ପର୍ଯ୍ୟନ୍ତ ଲମ୍ବିଥିବା ନେଇ ମଧ୍ୟ ସନ୍ଦେହ କରାଯାଉଛି । ବାହାର ରାଜ୍ୟରେ ଚଢ଼ା ଦରରେ ବଜ୍ରକାପ୍ଟା କାତି ବିକ୍ରି କରିବା ପାଇଁ ଏହି ଚୋରାଚାଲାଣ ହେଉଥିବା ଅନୁମାନ କରାଯାଉଛି । ଏହି ଘଟଣାରେ ଆଉ କେଉଁମାନଙ୍କର ସମ୍ପୃକ୍ତି ରହିଛି, ସେନେଇ ତଦନ୍ତ ଜାରି ରହିଛି ।

## ଏଆଇ ମଣିଷ ଜାତିକୁ ନଷ୍ଟ କରିପାରେ: ଆମୋଦେଇ

ନୂଆଦିଲ୍ଲୀ, ୧୩।୯ (ନ୍ୟୁ.ଏ): କୃତ୍ରିମ ବୁଦ୍ଧିମତା (ଏଆଇ)ର ଦ୍ରୁତ ବିକାଶ ନେଇ ଚିନ୍ତା ପ୍ରକାଶ କରିଛନ୍ତି ଆନ୍ଥ୍ରୋପିକ୍‌ର ସିଇଓ ଡାରିଓ ଆମୋଦେଇ । ଏଆଇ ବିକାଶର ଗତି ଏଭଳି ରହିଲେ ଏହାକୁ ନିୟନ୍ତ୍ରଣ କରିବା ମଣିଷର ସାମର୍ଥ୍ୟ ବାହାରକୁ ଚାଲିଯାଇପାରେ ଏବଂ ଏହା ମାନବଜାତି ପାଇଁ ଅତ୍ୟନ୍ତ ଗମ୍ଭୀର ବିପଦ ସୃଷ୍ଟି କରିପାରେ ବୋଲି ସେ ଚେତାଇଛନ୍ତି । ଏଥିପାଇଁ ଏଆଇ ମଡେଲର କ୍ଷମତା ବୃଦ୍ଧିର ଗତି କମାଇବାକୁ ସେ ବିଶ୍ୱର ଏଆଇ କମ୍ପାନିଗୁଡ଼ିକୁ ଆହ୍ୱାନ ଦେଇଛନ୍ତି । ଆମୋଦେଇ ଶନିବାର ପ୍ରକାଶ କରିଥିବା ଏକ ଦୀର୍ଘ ଲେଖାରେ କହିଛନ୍ତି ଯେ, ଏଆଇର ବିକାଶ ଜାରି ରହିବା ଦରକାର, କିନ୍ତୁ ଏହା ଅତ୍ୟଧିକ ଦ୍ରୁତ ଗତିରେ ହେବା ଉଚିତ ନୁହେଁ । ବିକାଶର ଗତି କିଛିଟା କମାଇଲେ ସୁରକ୍ଷା ବ୍ୟବସ୍ଥାକୁ ଏଆଇର କ୍ଷମତା ସହ ତାଳ ମିଳାଇବା ପାଇଁ ଅଧିକ ସମୟ ମିଳିବ ବୋଲି ସେ ମତ ଦେଇଛନ୍ତି । ଆମୋଦେଇଙ୍କ ଚିନ୍ତାର ଏକ ବଡ଼ କାରଣ ହେଉଛି ଏଆଇର ନିଜକୁ ନିଜେ ଉନ୍ନତ କରିବାର କ୍ଷମତା । ତାଙ୍କ ମତରେ, ଅଧିକ କ୍ଷମତାଶାଳୀ ଏଆଇ ନିର୍ମାଣ ହେଉଥିବା ସମୟରେ ଯଦି ସୁରକ୍ଷା ପଦକ୍ଷେପ ସେହି ଅନୁପାତରେ ବିକଶିତ ନହୁଏ, ତେବେ ଭବିଷ୍ୟତରେ ଏଆଇ ଉପରେ ମଣିଷର ନିୟନ୍ତ୍ରଣ ହ୍ରାସ ପାଇବାର ଆଶଙ୍କା ରହିଛି । ଏହି ବିପଦକୁ ରୋକିବା ପାଇଁ ଆମୋଦେଇ ତିନିଟି ପ୍ରମୁଖ ପଦକ୍ଷେପ ପ୍ରସ୍ତାବ ଦେଇଛନ୍ତି ।

## ଚୀନ୍ ପ୍ରସଙ୍ଗରେ ମୋଦୀ ସରକାରଙ୍କୁ କଂଗ୍ରେସର ଟାର୍ଗେଟ୍

ନୂଆଦିଲ୍ଲୀ, ୧୩।୯(ନ୍ୟୁ.ଏ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ପରେ ଚୀନ୍ ନୀତିକୁ ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛି କଂଗ୍ରେସ । ରବିବାର କଂଗ୍ରେସ ମହାସଚିବ ତଥା ଯୋଗାଯୋଗ ବିଭାଗ ଦାୟିତ୍ୱରେ ଥିବା ଜୟରାମ ରମେଶ ପ୍ରଧାନମନ୍ତ୍ରୀଙ୍କୁ ଚୀନ୍ ସହ ସମ୍ପର୍କ ନେଇ ୪ଟି ପ୍ରଶ୍ନ କରିବା ସହ ସରକାରଙ୍କ ଆଭିମୁଖ୍ୟକୁ 'କ୍ୟାଲିବ୍ରେଟେଡ୍ କ୍ୟାପିଚୁଲେସନ' ବା 'ଯୋଜନାବଦ୍ଧ ଆତ୍ମସମର୍ପଣ' ବୋଲି ସମାଲୋଚନା କରିଛନ୍ତି । ରମେଶ ପ୍ରଶ୍ନ କରିଛନ୍ତି ଯେ, ୨୦୨୦ ଜୁନ୍ ୧୯ରେ ଚୀନ୍‌କୁ ନେଇ ପ୍ରଧାନମନ୍ତ୍ରୀ ଦେଇଥିବା 'କ୍ଲିନ୍ ଚିଟ୍' ଭାରତର ଆଲୋଚନା



କ୍ଷମତାକୁ ଦୁର୍ବଳ କରିନାହିଁ ତ ଲଦାଖରେ ଚୀନ୍‌ର ଅଗ୍ରସରକୁ ସରକାର କାହିଁକି ଅନୁମତି ଦେଲେ ଏବଂ ଏବେ ଅରୁଣାଚଳ ପ୍ରଦେଶକୁ ନେଇ ଚୀନ୍‌ର ଦାବି ଓ ପଦକ୍ଷେପ ସମ୍ପର୍କରେ ଭାରତର ଆଭିମୁଖ୍ୟ ସେ ଆହୁରି ପ୍ରଶ୍ନ କରିଛନ୍ତି ଯେ, ଅପରେସନ୍ ସିନ୍ଦୂର ସମୟରେ ପାକିସ୍ତାନକୁ ଚୀନ୍‌ର ସମର୍ଥନ ନେଇ ଭାରତର ଆଭିମୁଖ୍ୟ କାହିଁକି ନରମ ହୋଇଛି । ଏହାସହ ଚୀନ୍ ସହ ବାଣିଜ୍ୟ ନିଅଂଟ ବୃଦ୍ଧି ନେଇ ମଧ୍ୟ କଂଗ୍ରେସ ଚିନ୍ତା ପ୍ରକାଶ କରିଛି । ୨୦୨୫-୨୬ରେ ଭାରତ-ଚୀନ୍ ବାଣିଜ୍ୟ ନିଅଂଟ ରେକର୍ଡ ୧୧୨.୬ ବିଲିୟନ୍ ଡଲାରରେ ପହଂଚିଥିବା ରମେଶ କହିଛନ୍ତି । ଗୁରୁତ୍ୱପୂର୍ଣ୍ଣ କଂଚାମାଲ, ଉପାଦାନ ଓ ଅନ୍ୟାନ୍ୟ ସାମଗ୍ରୀ ପାଇଁ ଚୀନ୍ ଉପରେ ଭାରତର ନିର୍ଭରଶୀଳତା ବିପଜ୍ଜନକ ସ୍ତରରେ ପହଂଚିଥିବା ସେ ଅଭିଯୋଗ କରିଛନ୍ତି । ଏହି ବୟାନ ମୋଦୀ-ଜିନ୍‌ପିଙ୍ଗ ଆଲୋଚନାର ଗୋଟିଏ ଦିନ ପରେ ଆସିଛି । ୧୮ଶ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ନୂଆଦିଲ୍ଲୀରେ ହୋଇଥିବା ବୈଠକରେ ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କରେ ସ୍ଥିର ଅଗ୍ରଗତିକୁ ସ୍ୱାଗତ କରିଥିଲେ ।

## ଓଡ଼ିଶାରେ ପୁଣି ବଢ଼ିବ ବର୍ଷାର ପ୍ରକୋପ

ଭୁବନେଶ୍ୱର, ୧୩।୯ (ଆ.ପ୍ର) : ଓଡ଼ିଶାରେ ପୁଣି ବଢ଼ିବ ବର୍ଷାର ପ୍ରକୋପ । ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଏବଂ କେତେକ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଦକ୍ଷିଣ-ପଶ୍ଚିମ ମଧ୍ୟପ୍ରଦେଶ ଓ ସଂଲଗ୍ନ ଉତ୍ତର ବିଦର୍ଭ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି । ଏହାରି ପ୍ରଭାବରେ ମୌସୁମୀ ନିମ୍ନଚାପ ରେଖା ଓଡ଼ିଶା ଦେଇ ବଙ୍ଗୋପସାଗର ଯାଏଁ ଲମ୍ବିଛି । ଆସନ୍ତା ୨୪ ଘଂଟା ଭିତରେ ଦକ୍ଷିଣ ଓ ଉପକୂଳ ଓଡ଼ିଶାର ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଭଳି ଜିଲ୍ଲାରେ ବର୍ଷାର ସମ୍ଭାବନା ଅଛି । ଏହି ଅଂଚଳ ପାଇଁ ଘଂଟାପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ଓ ବିଜୁଳି-ଘଡ଼ଘଡ଼ି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୧୫ ତାରିଖ ବେଳକୁ କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ ଓ ଗଜପତି ଜିଲ୍ଲାର ଗୋଟିଏ କି ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା । ଏଥିସହ ଅନେକ ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ପାଇଁ ଆଲର୍ଟ ଜାରି କରାଯାଇଛି । ୧୬ ତାରିଖ ଦିନ ଉତ୍ତର ଓ ଦକ୍ଷିଣ ଓଡ଼ିଶାର କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ରହିଛି । ଏହା ପରେ ପରେ କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ ଓ ଗଜପତିରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ।

## ଚିଲିର ନର୍ସିଂ ହୋମ୍‌ରେ ଅଗ୍ନିକାଣ୍ଡ, ୧୬ ବୃଦ୍ଧଙ୍କ ମୃତ୍ୟୁ

ସାଂଟିଆଗୋ: ଚିଲିର ଆରାଉକାନିଆ ଅଂଚଳର ପିଟ୍ରୁଫ୍‌କେନ୍ ସହରରେ ଥିବା ଏକ ନର୍ସିଂ ହୋମ୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟି ୧୬ ଜଣ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ଶୁକ୍ରବାର ରାତିରେ ଏହି ଅଗ୍ନିକାଣ୍ଡ ଘଟିଥିବାବେଳେ ଶନିବାର ସକାଳେ ନିଆଁକୁ ଆୟତ୍ତ କରାଯାଇଥିଲା । ଘଟଣାସ୍ଥଳ ରାଜଧାନୀ ସାଂଟିଆଗୋଠାରୁ ପ୍ରାୟ ୬୪୦ କିଲୋମିଟର ଦକ୍ଷିଣରେ ଅବସ୍ଥିତ । ଅଗ୍ନିକାଣ୍ଡ ସମୟରେ ନର୍ସିଂ ହୋମ୍‌ରେ ମୋଟ ୨୬ ଜଣ ବୃଦ୍ଧ ରହୁଥିଲେ । ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଉଦ୍ଧାର କରାଯାଇଥିବା



୧୦ ଜଣଙ୍କୁ ସ୍ଥାନୀୟ ହସ୍ପିଟାଲ୍‌କୁ ନିଆଯାଇଛି । ସୁରକ୍ଷା ଦୃଷ୍ଟିରୁ ପୁଲିସ ଅଂଚଳକୁ ଘେରାବନ୍ଦୀ କରିଥିଲା । ପିଟ୍ରୁଫ୍‌କେନ୍‌ର ମେୟର ଜାକ୍‌ଲିନ୍ ରୋମେରୋ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରି କହିଛନ୍ତି, ପୀଡ଼ିତଙ୍କ ପରିବାରକୁ ସହାୟତା ଯୋଗାଇବା ପାଇଁ ବ୍ୟବସ୍ଥା କରାଯାଉଛି । ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ । ଘଟଣାର ତଦନ୍ତ କରୁଥିବା ଜର୍ଜ ଗ୍ରାନାଡା କହିଛନ୍ତି, ଅଗ୍ନିକାଣ୍ଡରେ କୌଣସି ତୃତୀୟ ପକ୍ଷର ସମ୍ପୃକ୍ତି ଅଛି କି ନାହିଁ, ତାହା ଯାଂଚ କରାଯାଉଛି । ନର୍ସିଂ ହୋମ୍‌ର ମାଲିକମାନଙ୍କୁ ମଧ୍ୟ ପଚରାଉଚରା ପାଇଁ ଡକାଯାଇଛି । ଚିଲିର ରାଷ୍ଟ୍ରପତି ଜୋସେ ଆଂଟୋନିଓ କାଷ୍ଟ ଘଟଣାରେ ଶୋକ ପ୍ରକାଶ କରିବା ସହ ଦେଶର ସମସ୍ତ ନର୍ସିଂ ହୋମ୍‌ର ସ୍ଥିତି ଯାଂଚ ପାଇଁ ଜରୁରୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଓରାଙ୍ଗଉଟାନଙ୍କ ପାଇଁ ଗଠନ ହେଲା ୫ ଜଣିଆ ବୈଷୟିକ କମିଟି

ଭୁବନେଶ୍ୱର, ୧୩।୯ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ବିଚିତ୍ରପୁର ବଡ଼ପାହି ଜଙ୍ଗଲରୁ ଉଦ୍ଧାର କରାଯାଇ ଭୁବନେଶ୍ୱରର ନନ୍ଦନକାନନରେ ରଖାଯାଇଥିବା ୫ ଓରାଙ୍ଗଉଟାନ ଛୁଆଙ୍କ ପାଇଁ ଗଠନ କରାଯାଇଛି ୫ ଜଣିଆ ବୈଷୟିକ କମିଟି । ପିସିସିଏଫ (ବନ୍ୟପ୍ରାଣୀ) ଏହି କମିଟି ଗଠନ କରିଛନ୍ତି । ଏହି ୫ ଜଣିଆ ବୈଷୟିକ କମିଟିରେ କର୍ଣ୍ଣାଟକାର ମହୀଶୂର ସ୍ଥିତ ଶ୍ରୀ ଚାମରାଜେନ୍ଦ୍ର ପ୍ରାଣୀ ଉଦ୍ୟାନର ଜଣେ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସହିତ ଡେରାଡୁନ ସ୍ଥିତ ୱାଇଲଡ ଲାଇଫ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆର ନିର୍ଦ୍ଦେଶକଙ୍କ ଜଣେ ପ୍ରତିନିଧି, ଭୁବନେଶ୍ୱର ସ୍ଥିତ ଓୟୁଏଟିର ସେଂଟର ଫର ୱାଇଲ୍‌ଡଲାଇଫ୍ ହେଲ୍‌ଥର ପ୍ରୋଜେକ୍ଟ କୋଅର୍ଡିନେଟର, ନୂଆଦିଲ୍ଲୀ ସ୍ଥିତ ଜାତୀୟ ପ୍ରାଣୀ



ଉଦ୍ୟାନର ନିର୍ଦ୍ଦେଶକଙ୍କ ଦ୍ୱାରା ମନୋନୀତ ଜଣେ ପ୍ରାଣୀ ଚିକିତ୍ସା ଅଧିକାରୀ ଓ ନନ୍ଦନକାନନର ନିର୍ଦ୍ଦେଶକ ସଦସ୍ୟ ରହିଛନ୍ତି । ନନ୍ଦନକାନନର ନିର୍ଦ୍ଦେଶକ ଏହି କମିଟିର ଆବାହକ ଦାୟିତ୍ୱ ନିର୍ବାହ କରିବେ । ଉଦ୍ଧାର ହୋଇଥିବା ୫ ଓରାଙ୍ଗଉଟାନଙ୍କ ଉଚିତ୍ ଦେଖାଶୁଣା କରିବା ପାଇଁ ଏହି ବୈଷୟିକ କମିଟି ପରାମର୍ଶ ଦେବ ବୋଲି ପିସିସିଏଫ (ବନ୍ୟପ୍ରାଣୀ)ଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶରେ କୁହାଯାଇଛି । ଏଥିପାଇଁ ଏହି କମିଟି ଜାତୀୟ/ଅନ୍ତର୍ଜାତୀୟ ସ୍ତରର କୌଣସି ବ୍ୟକ୍ତିବିଶେଷ ବା ସଂଗଠନର ପରାମର୍ଶ ନେଇପାରିବେ । ୬ ମାସ ପାଇଁ ଏହି କମିଟି ଗଠନ କରାଯାଇଛି । ଆବଶ୍ୟକତା ଅନୁସାରେ ଏହି କମିଟିର କାର୍ଯ୍ୟକାଳକୁ ବୃଦ୍ଧି କରାଯିବ । ଅନ୍ୟପକ୍ଷରେ ଏହି ୫ ଓରାଙ୍ଗଉଟାନ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ବିଚିତ୍ରପୁର ବଡ଼ପାହି ଜଙ୍ଗଲରେ କେମିତି ପହଂଚିଲେ, ସେ ନେଇ ଏଯାବତ କିଛି ଜଣାପଡ଼ିନାହିଁ । ଏହି ଘଟଣାର ତଦନ୍ତ କରୁଥିବା ଏସ୍‌ଟିଏଫ ଦୀଘାର ଜଣେ ହୋଟେଲ ମାଲିକ ଓ ତାଙ୍କ ପୁଅଙ୍କୁ ଖୋଜୁଛି । ସେମାନେ ଏହି ମାମଲା ସହିତ ସଂପୃକ୍ତ ଥିବା ନେଇ ଏସ୍‌ଟିଏଫ ସନ୍ଦେହ କରୁଛି । ସେମାନେ ଫେରାର ହୋଇଯାଇଥିବା ବେଳେ ପୁଲିସ ସେମାନଙ୍କୁ ଖୋଜୁଛି ।



ସେଇଠୁ
# ଆରମ୍ଭ
SEITHO ARAMBHA
ସୋମବାର, ୧୪ ସେପ୍ଟେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



# ସମ୍ପାଦକୀୟ...

## ଗଣେଶ ପୂଜା: ବିଘ୍ନ ନୁହେଁ, ବୁଦ୍ଧିର ବିଜୟ

ଭାରତୀୟ ସଂସ୍କୃତିରେ ଶୁଭାରମ୍ଭର ପ୍ରଥମ ଦେବତା ହେଉଛନ୍ତି ପ୍ରଭୁ ଶ୍ରୀଗଣେଶ । ତାଙ୍କୁ ସ୍ମରଣ କରି ଆରମ୍ଭ ହୁଏ ପ୍ରତ୍ୟେକ ମଙ୍ଗଳ କାର୍ଯ୍ୟ । ତେଣୁ ଗଣେଶ ପୂଜା କେବଳ ଧୂପ, ଦୀପ, ଫୁଲ ଓ ନୈବେଦ୍ୟର ଏକ ଧାର୍ମିକ ଆଚାର ନୁହେଁ; ଏହା ମଣିଷ ଜୀବନରେ ଜ୍ଞାନ, ବିବେକ, ଏକାଗ୍ରତା ଓ ଶୁଭବୁଦ୍ଧିର ଆହ୍ୱାନ । 'ବିଘ୍ନବିନାଶକ' ଭାବେ ପୂଜିତ ଗଣେଶଙ୍କ ନିକଟରେ ମଣିଷ ସବୁବେଳେ ନିଜ ଜୀବନର ବାଧା ଦୂର କରିବାକୁ ପ୍ରାର୍ଥନା କରେ । କିନ୍ତୁ ବିଘ୍ନ କେବଳ ବାହାରେ ନାହିଁ । ଅଜ୍ଞାନ, ଅହଂକାର, ଈର୍ଷା, ଅସହିଷ୍ଣୁତା ଓ ଅବିବେକ ମଧ୍ୟ ମଣିଷର ଜୀବନର ବଡ଼ ବିଘ୍ନ । ସେହି ଅନ୍ତର୍ନିହିତ ବିଘ୍ନକୁ ଦୂର କରିବାର ଶକ୍ତି ହିଁ ଗଣେଶ ପୂଜାର ପ୍ରକୃତ ସନ୍ଦେଶ । ଗଣେଶଙ୍କ ସ୍ୱରୂପ ମଧ୍ୟରେ ରହିଛି ଜୀବନର ଗଭୀର ଦର୍ଶନ । ବଡ଼ ମସ୍ତକ ଆମକୁ ବଡ଼ ଚିନ୍ତା କରିବାର ଶିକ୍ଷା ଦିଏ । ବଡ଼ କାନ କହେ—ଅଧିକ ଶୁଣ, ଛୋଟ ମୁହଁ କହେ—ଆବଶ୍ୟକତାଠାରୁ ଅଧିକ କୁହନାହିଁ । ଏକଦନ୍ତ ଏକାଗ୍ରତାର ପ୍ରତୀକ । ଏହି ପ୍ରତୀକଗୁଡ଼ିକ ଆଜିର ଅସ୍ଥିର ସମାଜ ପାଇଁ ମଧ୍ୟ ସମାନ ଭାବେ ପ୍ରାସଙ୍ଗିକ । ବିଶେଷକରି ଆଜିର ଡିଜିଟାଲ ଯୁଗରେ ସୂଚନାର ଅଭାବ ନାହିଁ, କିନ୍ତୁ ସଠିକ୍ ସୂଚନାକୁ ଚିହ୍ନିବା ପାଇଁ ବିବେକର ଆବଶ୍ୟକତା ଅଧିକ । ସାମାଜିକ ଗଣମାଧ୍ୟମରେ ଅନେକ ସମୟରେ ମିଥ୍ୟା ଖବର, ଅପପ୍ରଚାର ଓ ଅସତ୍ୟ ତଥ୍ୟ ଦ୍ରୁତ ଗତିରେ ପ୍ରସାରିତ ହେଉଛି । ଏପରି ପରିସ୍ଥିତିରେ ଗଣେଶଙ୍କ ଆରାଧନା ଆମକୁ ଶିଖାଏ—ଶୁଣିବା ପୂର୍ବରୁ ବୁଝିବା, କହିବା ପୂର୍ବରୁ ଭାବିବା ଓ ବିଶ୍ୱାସ କରିବା ପୂର୍ବରୁ ସତ୍ୟତା ଯାଂଚ କରିବା । ଗଣେଶ ପୂଜା ଆମ ସାମାଜିକ ଜୀବନରେ ମଧ୍ୟ ଏକତାର ସନ୍ଦେଶ ଆଣେ । ପୂଜା ମଣ୍ଡପରେ ଧନୀ-ଗରିବ, ବଡ଼-ସାନ, ଜାତି-ଧର୍ମର ଭେଦ ଭୁଲି ଲୋକେ ଏକାଠି ହୁଅନ୍ତି । ଏହି ସାମୂହିକତା ହିଁ ଆମ ସଂସ୍କୃତିର ଶକ୍ତି । ଉତ୍ସବ ଯଦି ମଣିଷକୁ ମଣିଷ ସହ ଯୋଡ଼େ, ତେବେ ତାହାର ମହତ୍ୱ ଆହୁରି ବଢ଼ିଯାଏ । ତେବେ ଉତ୍ସବର ଆନନ୍ଦ ସହିତ ଦାୟିତ୍ୱବୋଧକୁ ମଧ୍ୟ ଯୋଡ଼ିବା ଦରକାର । ପରିବେଶ ସୁରକ୍ଷା, ସ୍ୱଚ୍ଛତା, ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଓ ସାର୍ବଜନୀନ ଶୃଙ୍ଖଳା ପ୍ରତି ସଚେତନ ହେବା ଆବଶ୍ୟକ । ପ୍ରଭୁଙ୍କ ଆରାଧନା କରି ଯଦି ଆମେ ଆମ ପରିବେଶକୁ ଅସୁରକ୍ଷିତ କରିଦେବା, ତେବେ ପୂଜାର ମୂଳ ଭାବନା ହିଁ ପ୍ରଶ୍ନବାଚୀ ହୋଇଯିବ । ଆଜି ଆବଶ୍ୟକ ଏକ ନୂଆ ସଂକଳ୍ପର । ଗଣେଶଙ୍କ ନିକଟରେ କେବଳ ନିଜର ସଫଳତା ଓ ସମୃଦ୍ଧି ପାଇଁ ପ୍ରାର୍ଥନା ନ କରି, ଆମ ସମାଜ ଓ ଦେଶର ମଙ୍ଗଳ ପାଇଁ ମଧ୍ୟ ପ୍ରାର୍ଥନା କରିବା । ଆମ ଚିନ୍ତାରେ ଜ୍ଞାନ, କାର୍ଯ୍ୟରେ ସତ୍ୟନିଷ୍ଠା, ବ୍ୟବହାରରେ ନମ୍ରତା ଓ ସମାଜ ପ୍ରତି ଦାୟିତ୍ୱବୋଧ ଆଣିବା । ଗଣେଶ ପୂଜାର ପ୍ରକୃତ ସଫଳତା ସେତେବେଳେ, ଯେତେବେଳେ ପୂଜା ଶେଷ ହେବା ପରେ ମଧ୍ୟ ତାଙ୍କ ଶିକ୍ଷା ଆମ ଜୀବନରେ ରହିବ । ଆସନ୍ତୁ, ଏହି ପବିତ୍ର ଅବସରରେ ଆମେ ସଂକଳ୍ପ ନେବା । ଅଜ୍ଞାନ ବିରୋଧରେ ଜ୍ଞାନର, ଅହଂକାର ବିରୋଧରେ ନମ୍ରତାର, ଅସତ୍ୟ ବିରୋଧରେ ସତ୍ୟର ଏବଂ ଅସହିଷ୍ଣୁତା ବିରୋଧରେ ମାନବିକତାର ପଥ ବାଛିବା । ବିଘ୍ନବିନାଶକ ପ୍ରଭୁ ଶ୍ରୀଗଣେଶ ଆମ ସମସ୍ତଙ୍କୁ ଶୁଭବୁଦ୍ଧି ଦିଅନ୍ତୁ । ଆମ ଜୀବନରୁ ବିଘ୍ନ ଦୂର ହେଉ, ସମାଜରେ ଶାନ୍ତି ଓ ସଦ୍‌ଭାବ ବଢୁ ଏବଂ ଦେଶ ଜ୍ଞାନ ଓ ପ୍ରଗତିର ପଥରେ ଆହୁରି ଆଗକୁ ବଢୁ । ଏହା ହିଁ ହେଉ ଗଣେଶ ପୂଜାର ମହାସଂକଳ୍ପ ।

## କନକଧାର ସ୍ତୋତ୍ର

### ॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

କନକଧାର ସ୍ତୋତ୍ର ଏକ ଲୋକପ୍ରିୟ ପ୍ରାର୍ଥନା ଏବଂ ମାଆ ମହାଲକ୍ଷ୍ମୀଙ୍କୁ ସମର୍ପିତ । ଆଦି ଶଙ୍କରାଚାର୍ଯ୍ୟ ତାହାକୁ ରଚନା କରିଥିଲେ । କୌଣସି ଜଣେ ଦରିଦ୍ର ମହିଳାଙ୍କ ଆର୍ଥିକ ଦୂରବସ୍ଥାକୁ ଦେଖି ଶଙ୍କର ତାହା ରଚନା କରିଥିବା ଲୋକଶ୍ରୁତି କହେ । ଶଙ୍କରଙ୍କ ସମୟରେ ବିଦ୍ୟାର୍ଥୀମାନେ ଗୁରୁକୁଳରେ ରହି ଅଧ୍ୟୟନ କରୁଥିଲେ । ବିଦ୍ୟାର୍ଥୀମାନେ ନିକଟବର୍ତ୍ତୀ ଜନପଦମାନଙ୍କରେ ଘର ଘର ବୁଲି ଖାଦ୍ୟ ଦ୍ରବ୍ୟ ସଂଗ୍ରହ କରିବା ଥିଲା ସେ କାଳର ପ୍ରଥା । ଭୋଜନ ଏବଂ ଖାଦ୍ୟ ସାମଗ୍ରୀ ଦ୍ୱାରା ବ୍ରହ୍ମଚାରୀଙ୍କୁ ଆପ୍ୟାୟିତ କରିବାକୁ ଗୃହସ୍ଥମାନେ ଏକ ପୁଣ୍ୟ କାର୍ଯ୍ୟ ମନେ କରୁଥିଲେ । ଦିନେ ଖାଦ୍ୟ ସଂଗ୍ରହ ଭାର ପଡ଼ିଲା ବାଳକ ଶଙ୍କରଙ୍କ ଉପରେ । ସେ ଗୋଟିଏ ଗୃହରେ ପହଂଚ୍ ଭିକ୍ଷା ଗଣ୍ଡିଏ ପାଇବା ପାଇଁ ଇଚ୍ଛା କଲେ । ତେବେ ଗୃହକର୍ତ୍ତୀଙ୍କ ଆର୍ଥିକ ଅବସ୍ଥା କଥା ତାଙ୍କୁ ଜଣା ନଥିଲା । ପରିବାରର ଅବଲମ୍ବନ ସକାଶେ ମହିଳାଙ୍କ ଘରେ ମୁଠାଏ ଚାଉଳ ସୁଦ୍ଧା ନଥିଲା । ସେ କେଣ କରିବେ କିଛି ବୁଝିପାରିଲେନାହିଁ । ବାଳ ଭିକ୍ଷୁଙ୍କୁ ଫେରାଇବା ଥିଲା ତାଙ୍କ ପକ୍ଷେ ଅସମ୍ଭବ । ବହୁତ ଖୋଜାଖୋଜି ପରେ ପାଇଲେ ଅଁଳାଟିଏ । ସେଇଟିକୁ ଶଙ୍କରଙ୍କ ହାତରେ ଦେଲେ, ସେ ନିଜର ଅବସ୍ଥା କଥା କହି କ୍ଷମା ମାଗିଲେ । ମହିଳାଙ୍କ କାହାଣୀ ଶଙ୍କରଙ୍କୁ ବ୍ୟଥିତ କଲା । ସେ ସଙ୍ଗେ ସଙ୍ଗେ ସେଇଠି ଏକ ପ୍ରାର୍ଥନା ରଚନା କରି ମହିଳାଙ୍କ ଦୁଃଖ ଦୂର କରିବା ନିମନ୍ତେ ମହାଲକ୍ଷ୍ମୀଙ୍କୁ ଆବାହନ କଲେ । ଶଙ୍କରଙ୍କ ପ୍ରାର୍ଥନା ଶେଷ ନ ହେଉଣୁ ସେଠାରେ ସୁବର୍ଣ୍ଣ ଅଁଳାର ବୃଷ୍ଟି ହୋଇଥିବା କିମ୍ବଦନ୍ତୀ କହେ । ଶଙ୍କରଙ୍କ ଦ୍ୱାରା ରଚିତ ସେହି ପ୍ରାର୍ଥନାଟି କନକଧାର ସ୍ତୋତ୍ର ଭାବେ ପ୍ରସିଦ୍ଧ ।

*ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩*

## ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରରେ ଗଣେଶ ଉପାସନା

### ॥ ବିକ୍ରମ ମହାପାତ୍ର ॥

ଉତ୍କଳୀୟ ପରମ୍ପରାରେ ଗଣପତି ଉପାସନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଉତ୍କଳୀୟ ମାନଙ୍କର ପରମାରାଧ୍ୟ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କ ସମେତ ପଂଚଦେବତାଙ୍କ ଉପାସନା କାହିଁ କେଉଁ କାଳରୁ ଅନସ୍ୟୁତ ହୋଇ ଆସୁଛି । କୁହାଯାଏ, ଏଠାରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ହେବା ପରେ ଓ ପ୍ରତିଷ୍ଠା ପୂର୍ବରୁ କଳ୍ପବଟ ତଳେ ଥିବା ଗଣେଶ ପ୍ରତିଷ୍ଠା ହୋଇଥିଲେ । ରୀତି ଅନୁଯାୟୀ ପ୍ରଥମେ ତାଙ୍କର ପୂଜା କରାଯାଇଥିଲା ।

ଶ୍ରୀଜଗନ୍ନାଥଙ୍କ ଗଜାନନ ବେଶ : ପଂଚଦଶ ଶତାବ୍ଦୀରେ ମହାରାଷ୍ଟ୍ରରୁ ମହାଗାଣାପତ୍ୟ ସମ୍ପ୍ରଦାୟର ଗଣପତି ଭଟ୍ଟ ନାମରେ ଜନୈକ ସାଧୁ ଶ୍ରୀକ୍ଷେତ୍ର ଆସିଥିଲେ । ସେ ପୁରାଣ ଶାସ୍ତ୍ରରୁ ଶ୍ରୀଜଗନ୍ନାଥଙ୍କୁ ପରମବ୍ରହ୍ମ ବୋଲି ଜାଣି ତାଙ୍କ ଠାରେ ନିଜର ଇଷ୍ଟ ଗଣପତିଙ୍କୁ ଦର୍ଶନ କରିବା ଲାଳସାରେ ଧାଇଁ ଆସିଥିଲେ ଏଠାକୁ । ସେ ମନେ ମନେ ସ୍ଥିର କରିଥିଲେ ଯେ ଯଦି ନୀଳାଚଳନାୟକ ପ୍ରକୃତରେ ପରଂବ୍ରହ୍ମ, ତେବେ ସେ ମୋତେ ମୋର ଇଷ୍ଟ ଗଣପତି ରୂପରେ ନିଶ୍ଚୟ ଦର୍ଶନ ଦେବେ । ତାଙ୍କ ଆଗମନ ସମୟକୁ ମହାପ୍ରଭୁ ସ୍ନାନ ମଣ୍ଡପରେ ବିଜେ କରି ଅଛନ୍ତି । ସେତାଙ୍କର କିମ୍ଭୂତ କିମାକାର ରୂପ ଦେଖି ହେଲେ ଚକିତ । ତାଙ୍କ ଇଷ୍ଟଙ୍କୁ ଦର୍ଶନ ପାଇ ସେ ନିରାଶରେ ଫେରିଗଲେ ।

ମୁକ୍ତେଶ୍ୱରଙ୍କର ପାଖରେ ପହଂଚ୍ ସେ ଶୂନ୍ୟବାଣୀ ଶୁଣି ପୁନଶ୍ଚ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କଲେ । ଦେଖିଲେ ଶ୍ରୀବଳଭଦ୍ର ହରିଦ୍ରା ଗଣେଶ ରୂପରେ, ଶ୍ରୀଜଗନ୍ନାଥ ଖାଦିର ଗଣେଶ ରୂପେ ଓ ମା'ସୁଭଦ୍ରା ମାତଙ୍ଗୀ ରୂପରେ ସ୍ନାନ ମଣ୍ଡପରେ ବିଜେ କରିଅଛନ୍ତି । ଏହା ଦେଖି ଗଣପତି ଭଟ୍ଟଙ୍କର ମୋହ ତୁଟିଗଲା । ସେ ଅନୁଭବ କଲେ ମହାପ୍ରଭୁ ପରଂବ୍ରହ୍ମ ଅଟନ୍ତି । ସେ ହେଉଛନ୍ତି ଗଣେଶ, ଶିବ, ଶିବା ଓ ସୂର୍ଯ୍ୟ । ସେ ନିଜେ ଭଗବତ ଗୀତାରେ କହିଛନ୍ତି, 'ମୋତେ ଯିଏ ଯେଉଁପରି ଭାବେ ମୁଁ ତାକୁ ସେହିପରି ଫଳ ଦିଏ ।'

ଶ୍ରୀବଟ ଗଣେଶ : ବେଢ଼ା ପରିକ୍ରମା କଲାବେଳେ ଆମେ ଶ୍ରୀମନ୍ଦିରରେ ପହଂଚିଲେ ଯେଉଁ ପ୍ରତିମା ଗଣେଶଙ୍କ ପ୍ରଥମେ ଦର୍ଶନ କରୁ ସେ ହେଲେ ବଟଗଣେଶ । କଳ୍ପବଟ ମୂଳେ ପ୍ରତିଷ୍ଠିତ ଶ୍ରୀବଟଗଣେଶ କଳ୍ପବଟ ସହିତ ଏଭଳି ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଯେ ଶ୍ରୀମନ୍ଦିର ଭିତରେ ସେ କଳ୍ପବଟର ଏକ ଶାଖା ସଂଲଗ୍ନ ହୋଇ ରହିଛନ୍ତି । ଅତିବଡ଼ୀ ଜଗନ୍ନାଥ ଦାସ ବଟଗଣେଶ ମୂଳରେ ବସି ଓଡ଼ିଆ ଭାଗବତ ରଚନା କରିଥିଲେ । ପ୍ଲଟ ନଂ ୯୫ରେ କଳ୍ପବଟ ମୂଳରେ ଅବସ୍ଥାନ କରୁଥିବା ଏହି ଦକ୍ଷିଣାଭିମୁଖୀ ଗଣେଶଙ୍କୁ କେହି କେହି କଳ୍ପ ଗଣେଶ, ସିଦ୍ଧ ଗଣେଶ, ଚିନ୍ତାମଣି ଗଣେଶ ବୋଲି ଅଭିହିତ କରିଥାନ୍ତି ।

ଶ୍ରୀନୃତ୍ୟ ଗଣେଶ : ଶ୍ରୀମନ୍ଦିର ବେଢ଼ାର ଜଳକ୍ରୀଡ଼ା ମଣ୍ଡପ ପଛକୁ ରହିଛି ଦକ୍ଷିଣାଭିମୁଖୀ ୩୫ ଫୁଟ ଉଚ୍ଚତା ବିଶିଷ୍ଟ ଏକ ଅଦ୍ଭୁତ ମନ୍ଦିର । ଏଥିରେ ଛଅଫୁଟ ଉଚ୍ଚତା ବିଶିଷ୍ଟ ସିଂହାସନ ଉପରେ ଏହି ଗଣେଶ ଶକ୍ତି ଉପରେ ନୃତ୍ୟରତ । ଗଜପତି ପୁରୁଷୋତ୍ତମଦେବଙ୍କ ଦ୍ୱାରା ଏହି ବିଗ୍ରହ କାଂଚିରୁ ଅଣାଯାଇଥିଲା ।

ଏହାଙ୍କୁ ସମସ୍ତେ ନାଚୁଆ ଗଣେଶ ବା କାଂଚିଖୁରି ଗଣେଶ ବୋଲି ଜାଣନ୍ତି । ଉପର ବାମ ଓ ଡାହାଣ ହସ୍ତରେ ଯଥାକ୍ରମେ ସର୍ପର ଲାଞ୍ଜ ଓ ଫଣା ଗଣେଶଙ୍କ ଉପରି ଭାଗରେ ବୃତାକାରରେ ରହିଛି ।

କାଂଚି ଗଣେଶ : ଶ୍ରୀମନ୍ଦିର ଭିତର ବେଢ଼ାର ପଶ୍ଚିମ ପାର୍ଶ୍ୱରେ ସାକ୍ଷୀଗୋପାଳ ମନ୍ଦିରକୁ ଲାଗି ରହିଛି କାଂଚି ଗଣେଶ ମନ୍ଦିର । ଶ୍ରୀମନ୍ଦିରର ପ୍ଲଟ ନଂ ୬୫ରେ ପ୍ରାୟ ୨୨ଫୁଟ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିରରେ କଳାମୁଗୁନି ପଥରରେ ନିର୍ମିତ ପାଂଚଫୁଟ ଉଚ୍ଚତାର ଏକ ସୁନ୍ଦର ଗଣେଶ ବିଗ୍ରହ ଶୋଭା ପାଉଅଛନ୍ତି । ବିଗ୍ରହ ପଛପଟେ ଏକ ପଥରର ଦ୍ୱିତୀୟା ଚନ୍ଦ୍ରାକୃତି ପ୍ରଭା ରହିଅଛି । ସିଂହାସନ ଉପରେ ଦକ୍ଷିଣ ଗୋଡ଼ ପାଦଭୂମିକୁ ସ୍ପର୍ଶ କରୁଥିବାବେଳେ ବାମଗୋଡ଼ ମୋଡ଼ି ହୋଇ ବସିବା ମୁଦ୍ରାରେ ରହିଛନ୍ତି ।

ହସ୍ତସଂଖ୍ୟା ୪ ଉପର ଡାହାଣ ହାତରେ ଏକ ଭଗ୍ନଦନ୍ତ, ତଳ ଡାହାଣ ହାତରେ ଜପାମାଳା, ଉପର ବାମ ହାତରେ ପରଶୁ ଧାରଣ କରିଥିବା ବେଳେ ତଳ ବାମ ହାତରେ ପରଶୁ ଧାରଣ କରିଥିବାବେଳେ ତଳ ବାମ ହାତରେ ସିଦ୍ଧି ଦେବୀଙ୍କୁ ଆଲିଙ୍ଗନ କରୁଛନ୍ତି । କର୍ଣ୍ଣାଟକୀ ଶୈଳୀରେ ନିର୍ମିତ ଚତୁର୍ଭୁଜ ବିଶିଷ୍ଟ ଏହି ମୂର୍ତ୍ତି ସମାଧି ଅବସ୍ଥାରେ ବିରାଜମାନ ।

ଶ୍ରୀକ୍ଷେତ୍ରରେ ଅବସ୍ଥିତ ଗଣେଶ : ଶ୍ରୀମନ୍ଦିର ବେଢ଼ା ଭିତରେ ଅନେକ ଗଣେଶ ପୂଜା ପାଉଛନ୍ତି । ସେଭଳି ଶ୍ରୀମନ୍ଦିର ବେଢ଼ା ବାହାରେ ମଧ୍ୟ ଶ୍ରୀକ୍ଷେତ୍ରର ବିଭିନ୍ନ ସ୍ଥାନରେ ଗଣେଶଙ୍କ ଉପାସନା ଚାଲିଛି ।

ଗଣେଶ ଗୁରୁଜରେ ଚାରଗଣେଶ : ବଡ଼ଦାଣ୍ଡର ବାମଭାଗରେ ନରେନ୍ଦ୍ର ପୁଷ୍କରିଣୀକୁ ଯିବା ରାସ୍ତାରେ ଏହି ଗଣେଶ ଜାଗାଟି ଅବସ୍ଥିତ । ଏଠାରେ ମୁଖ୍ୟଦେବତା ରୂପେ ପୂଜା ପାଉଥିବା ଠାକୁରଙ୍କୁ ଚାରଗଣେଶ ବୋଲି କୁହାଯାଏ । କିମ୍ବଦନ୍ତୀ କୁହେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ହେବା ସମୟରେ ଏହିଠାରୁ ଚାର ବନ୍ଧାଯାଇ ପଥର କୁହାଯାଉଥିଲା ଓ ବିଘ୍ନନାଶକ ଶ୍ରୀଗଣେଶଙ୍କୁ ସ୍ଥାପନ କରାଯାଇ ଏହିଠାରେ ଭାଡ଼ି ବନ୍ଧାଯାଇଥିଲା ।

ଶ୍ରୀକପାଳମୋଚନ ମହାଦେବ ମନ୍ଦିରରେ ସିଦ୍ଧ ବିନାୟକ : ପ୍ରାଚୀନ ସମୟରୁ ପ୍ରତିଷ୍ଠିତ ଏହି ମନ୍ଦିର ପୁରୀ ସହରରେ ମଣିକର୍ଣ୍ଣିକା ସାହିର ଅଗ୍ରଭାଗରେ ତଥା ଗାଣ୍ଡୁଆ ଚଉରାଛକ ନିକଟରେ ଅବସ୍ଥିତ । ଏହି ମନ୍ଦିରର ଚତୁଃପାର୍ଶ୍ୱରେ ଉଚ୍ଚପ୍ରସ୍ତର ପ୍ରାଚୀର ଘେରି ରହିଛି । ମନ୍ଦିର ପରିସରଟି ୮୦/୯୦ ଫୁଟ ଓସାର ପରିମିତ ମଧ୍ୟରେ ଅବସ୍ଥିତ । ଶ୍ରୀମନ୍ଦିରର ଦକ୍ଷିଣଦ୍ୱାର ଠାରୁ ଶ୍ରୀଲୋକନାଥ ମନ୍ଦିରକୁ ଯାଇଥିବା ମୁଖ୍ୟ ରାସ୍ତାର ବାମପାର୍ଶ୍ୱରେ ଅବସ୍ଥିତ ଏହି ମନ୍ଦିରର ଏକ ମାତ୍ର ପ୍ରବେଶ ଦ୍ୱାର ରହିଅଛି । ରାସ୍ତା ପତନ ଠାରୁ ପ୍ରାୟ ୧୨ ଗୋଟି ପାହାଚ ଅତିକ୍ରମ କରିବା ପରେ ମନ୍ଦିରର ବେଢ଼ାକୁ ପ୍ରବେଶ କରିବାକୁ ହୋଇଥାଏ । ପବିତ୍ର ଗଣେଶ ପୂଜା ଅବସରରେ ଭଗବାନ ଶ୍ରୀଗଣେଶ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତୁ ଏହା ହିଁ ପ୍ରାର୍ଥନା ।

*'ଆନନ୍ଦ ଜ୍ୟୋତ୍ସ୍ନା' ଚଣ୍ଡୀମନ୍ଦିର ଅଂଚଳ, କଟକ*

## ଛାତ୍ରୀଙ୍କ ସୁରକ୍ଷା କବଚ ଶକ୍ତିଶ୍ରୀ

### ॥ କିଶୋର ଚନ୍ଦ୍ର ବେହେରା ॥

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅଧିନରେ ଥିବା ସ୍ନାତକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ ଏକ ସୁରକ୍ଷିତ ଶୈକ୍ଷିକ ବାତାବରଣକୁ ସୁନିଶ୍ଚିତ କରାଇବା ସହିତ ଅଧ୍ୟୟନରତ ସ୍ନାତକ ଓ ସ୍ନାତକୋତର ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ କରିବା ଏବଂ ଛାତ୍ରୀମାନଙ୍କର ସଶକ୍ତିକରଣ ଓ ସର୍ବାଙ୍ଗୀନ ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଶକ୍ତିଶ୍ରୀ ଯୋଜନା । ଶିକ୍ଷା ବର୍ଷ ୨୦୨୫- ୨୦୨୬ ରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମ ଦ୍ୱିତୀୟ ବର୍ଷରେ ପହଂଚିଛି । ୨୦୩୬ ଓ ୨୦୪୭ ସୁଦ୍ଧା ଓଡ଼ିଶାରେ ମହିଳାମାନଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ଏକ ରୂପରେଖ ପ୍ରସ୍ତୁତ କରାଯାଇଛି ଏବଂ ଏହାର ରୂପାୟନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମଧ୍ୟ ପ୍ରସ୍ତୁତ କରିଛନ୍ତି ରାଜ୍ୟ ସରକାର । ବିଶେଷକରି ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡିକରେ ଛାତ୍ରୀମାନଙ୍କ ସୁରକ୍ଷା ଓ ନିରାପତା ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏକ ଯୁଗାନ୍ତକାରୀ ପଦକ୍ଷେପ ହାତକୁ ନେଇଛନ୍ତି । ବିଗତ ଦିନମାନଙ୍କରେ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ରୀମାନଙ୍କ ପ୍ରତି ଯେଉଁଭଳି ଅପରାଧ ଘଟିଛି, ସେହିଭଳି ଘଟଣା ଆଗାମୀ ଦିନରେ ନଘଟିବା ଓ ଛାତ୍ରୀମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଏହି ଯୋଜନା ପ୍ରସ୍ତୁତ କରାଯାଇଛି । ସଂପ୍ରତି ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ୧୬ଟି ବିଶ୍ୱବିଦ୍ୟାଳୟ ଏବଂ ୭୩୦ଟି ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ମାନଙ୍କରେ ଏହି କାର୍ଯ୍ୟକ୍ରମ ଜାରି ରହିଛି । ଶିକ୍ଷାନୁଷ୍ଠାନରେ ସ୍ଥାୟୀ 'ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର' ସ୍ଥାପନ ହୋଇଛି । ବଡ଼ କଥା ହେଉଛି ଏହା ଛାତ୍ରୀଙ୍କ ଦ୍ୱାରା ପରିଚାଳିତ ହେଉଛି, ଜଣେ ଛାତ୍ରୀ 'ଶକ୍ତିଶ୍ରୀ ସାଥୀ' ଓ ଜଣେ ବରିଷ୍ଠ ଅଧ୍ୟାପିକା 'ଶକ୍ତିଶ୍ରୀ ସଂଯୋଜିକା' ଭାବେ ନିଯୁକ୍ତ ହେଉଛି ମହାବିଦ୍ୟାଳୟର ଅଧକ୍ଷ । ସାମାଜିକ ସେବା କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ୫ ଜଣ ବିଶିଷ୍ଟ କାର୍ଯ୍ୟରତ ମହିଳା 'ଶକ୍ତି ଅପା' ଭାବେ କାମ କରିବେ । ଛାତ୍ରୀଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଓ ଆଇନଗତ ଅଧିକାର ନେଇ ଶିକ୍ଷା ଦିଆଯାଉଛି "ଶକ୍ତିଶ୍ରୀ ଆପ୍" ମାଧ୍ୟମରେ ।

ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ପରି ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡିକରେ ଛାତ୍ରୀମାନଙ୍କ ସୁରକ୍ଷା ଓ ନିରାପତା ପାଇଁ ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ରମର ୮ ଗୋଟି ପ୍ରମୁଖ ଦିଗ ରହିଛି । ପ୍ରଥମଟି ହେଲା ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଏକ ସ୍ଥାୟୀ 'ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର' ସ୍ଥାପନ କରାଯାଇଛି ଯାହା ଛାତ୍ରୀମାନଙ୍କ ଦ୍ୱାରା ପରିଚାଳିତ ହେଉଛି । ଦ୍ୱିତୀୟଟି ହେଉଛି ଶକ୍ତିଶ୍ରୀ ମୋବାଇଲ ଆପ୍ ? ନାମରେ ଏକ ନୂତନ ମୋବାଇଲ ଆପ୍ କାର୍ଯ୍ୟକାରୀ ହେଉଛି । ଏହି ଆପ୍ ମାଧ୍ୟମରେ ଛାତ୍ରୀମାନଙ୍କର ସଚେତନତା ଓ ଅବଗତି ନିମନ୍ତେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି, ଏହାର ନିୟମାବଳୀ ଏବଂ କାର୍ଯ୍ୟ ସମ୍ବନ୍ଧରେ ସମସ୍ତ ସୂଚନା ପ୍ରଦାନ କରାଯାଇଛି । ତୃତୀୟ କାର୍ଯ୍ୟକ୍ରମ ସ୍ୱତନ୍ତ୍ର ଆଚରଣ ବିଧି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ଲାଗୁ କରାଯାଇଛି । ସେହି ଅନୁଷ୍ଠାନର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଏକ ବାର୍ଷିକ ଆଭାସି ତାଲିମ ସମ୍ପୂର୍ଣ୍ଣ କରିବେ, ଯାହାଦ୍ୱାରା ସେମାନଙ୍କ ମଧ୍ୟରେ ମହିଳା ସୁରକ୍ଷା, ଲିଙ୍ଗଗତ ସମ୍ବେଦନଶୀଳତା ସମ୍ବନ୍ଧରେ ସଚେତନତା ବୃଦ୍ଧି ହୋଇପାରିବ । ଚତୁର୍ଥ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ମାଧ୍ୟମରେ ବାର୍ଷିକ ଗୋଟିଏ ଥର ସାତଦିନଆ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର, ମହିଳାଙ୍କ ସୁରକ୍ଷା ଓ ଅଧିକାର ସମ୍ବନ୍ଧୀୟ ସଚେତନତା କର୍ମଶାଳା ଆୟୋଜନ କରାଯାଉଛି । ପଂଚମମରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଶିକ୍ଷାନୁଷ୍ଠାନ ପରିସର ସୁରକ୍ଷାକୁ ନେଇ ଏକ ସବିସ୍ତୃତ ବିବରଣୀ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି । ଷଷ୍ଠରେ ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସିସିଟିଭି କ୍ୟାମେରା ଲଗାଯାଇଛି, ଯାହାଦ୍ୱାରା ମହାବିଦ୍ୟାଳୟ ପରିସରକୁ ୨୪ ଘଂଟା ପ୍ରତ୍ୟେକ ସ୍ଥିତିକୁ ଅନୁଧ୍ୟାନ କରାଯାଉଛି । ସପ୍ତମ ଦିଗଟି ହେଉଛି କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡନ (ନିବାରଣ, ନିଷେଧ ଓ ପ୍ରତିକାର ) ଅଧିନିୟମ, ପୋଷ୍ଷ ନିୟମାବଳୀ ୨୦୧୩ ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ସମ୍ବନ୍ଧରେ ଆଭାସି ମାଧ୍ୟମରେ ତାଲିମ୍ ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ଅଷ୍ଟମ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ସମସ୍ତ ଶକ୍ତିଶ୍ରୀ ସାଥୀ, ଶକ୍ତିଶ୍ରୀ ସଂଯୋଜିକା ଓ ଶକ୍ତି ଅପାମାନଙ୍କ ପାଇଁ ବାର୍ଷିକ ଏକ-ଦିବସୀୟ କର୍ମଶାଳା 'ଶକ୍ତି ସ୍ୱରୂପିଣୀ'ର ଆୟୋଜନ କରାଯିବା ପାଇଁ ସ୍ଥିର କରାଯାଇଛି ।

ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଙ୍କ ସୁରକ୍ଷା, ସଶକ୍ତୀକରଣ ଓ ସାମଗ୍ରିକ କଲ୍ୟାଣକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ 'ଶକ୍ତିଶ୍ରୀ' ଯୋଜନା ଅଧୀନରେ ପ୍ରତି ଜିଲାରେ ନିଯୁକ୍ତ ହେବେ 'ଶକ୍ତି ଅପା' । ଏମାନଙ୍କୁ ମନୋନୟନ କରି ଏକ ନାମ ତାଲିକା ଦାଖଲ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମ୍ପୃକ୍ତ ଜିଲ୍ଲାର ସ୍ନାତକ ନୋଡାଲ ମହାବିଦ୍ୟାଳୟ ଅଧକ୍ଷ ଓ ନୋଡାଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତି ଜିଲାରେ ୫ଜଣ ବିଶିଷ୍ଟ ପେଶାଦାର ମହିଳାଙ୍କୁ 'ଶକ୍ତି ଅପା' ଭାବେ ମନୋନୀତ କରାଯିବ । ଜିଲାର ଭୌଗୋଳିକ ସ୍ଥିତିକୁ ଦୃଷ୍ଟିରେ ରଖି ଜିଲାପାଳମାନେ ଏହି ସଂଖ୍ୟାକୁ ସର୍ବାଧିକ ୧୦ଜଣ ପର୍ଯ୍ୟନ୍ତ ବୃଦ୍ଧି କରିପାରିବେ । 'ଶକ୍ତି ଅପା' ଚୟନ ପାଇଁ ଏ କ୍ଷେତ୍ରରେ ସର୍ବନିମ୍ନ ୧୫ ବର୍ଷର ବୃତିଗତ ଅଭିଜ୍ଞତା ଥିବା ମହିଳାଙ୍କୁ ପ୍ରାଥମିକତା ଦିଆଯିବ । ବିଶେଷକରି ମହିଳା ଓ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ସାମାଜିକ କର୍ମୀ, ଅବସରପ୍ରାପ୍ତ ମହିଳା ସରକାରୀ କର୍ମଚାରୀ, ଆରକ୍ଷୀ ଓ ସଶସ୍ତ୍ର ବାହିନୀର ପୂର୍ବତନ କର୍ମଚାରୀ, ଆଇନ ଓ ସାଇବର ସୁରକ୍ଷା ବିଶେଷଜ୍ଞ, ଜନସ୍ୱାସ୍ଥ୍ୟ ବିଶେଷଜ୍ଞ, ମନସ୍ତାତ୍ତ୍ୱିକ ପରାମର୍ଶଦାତା, ଶିକ୍ଷାବିତ୍ ?, ଅଧ୍ୟାପକ, ମହିଳା ଉଦ୍ୟୋଗୀ ଓ ଶିଳ୍ପ କ୍ଷେତ୍ରର ଅଭିଜ୍ଞ ମହିଳାମାନେ ସାମିଲ ହୋଇପାରିବେ । ଏହାବ୍ୟତୀତ, ମହିଳା ସଶକ୍ତୀକରଣ ପ୍ରତି ପ୍ରତିବଦ୍ଧ ଅନ୍ୟ କୌଣସି ଯୋଗ୍ୟ ଓ ବିଶିଷ୍ଟ ମହିଳାଙ୍କୁ ମଧ୍ୟ ଜିଲା ପ୍ରଶାସନ ବିଚାର କରିପାରିବେ । ଶକ୍ତି ଅପାମାନେ ଉଚ୍ଚଶିକ୍ଷାନୁଷ୍ଠାନର ଛାତ୍ରୀଙ୍କ ପାଇଁ ଆଦର୍ଶ ବ୍ୟକ୍ତି, ପରାମର୍ଶ ଦାତା ଓ ଉତ୍ସ ବ୍ୟକ୍ତି ଭାବେ କାର୍ଯ୍ୟ କରିବେ । ସେମାନଙ୍କୁ ଦାୟିତ୍ୱ ଦିଆଯାଇଥିବା ନିର୍ଦ୍ଦିଷ୍ଟ ଉଚ୍ଚଶିକ୍ଷାନୁଷ୍ଠାନକୁ ପ୍ରତି ୩ ମାସରେ ଥରେ ଯାଇ ଛାତ୍ରୀମାନଙ୍କ ସହ ଆଲୋଚନା ଓ ମାର୍ଗଦର୍ଶନ କରିବେ ।

ଶିକ୍ଷାରେ ମନ୍ଦିରରେ ଛାତ୍ରୀଙ୍କ ସୁରକ୍ଷାକୁ ନେଇ ସରକାର ଉଠାଇଥିବା ପଦକ୍ଷେପକୁ ଶିକ୍ଷାବିତ, ଅଭିଭାବକ ଜନସାଧାରଣ ସ୍ୱାଗତ କରିଛନ୍ତି । ହେଲେ ଏହାର କାର୍ଯ୍ୟକାରୀତାକୁ ନେଇ ଆଶଙ୍କା ପ୍ରକାଶ କରିଛନ୍ତି । ସରକାର କେବଳ ଯୋଜନା ଘୋଷଣା କରି ରୂପାୟନର ତଦାରଖ ନକଲେ ଛାତ୍ରୀ ସୁରକ୍ଷା ପଦକ୍ଷେପ ପ୍ରହସନ ପାଲଟିବ । ସାଧାରଣରେ ଚର୍ଚ୍ଚା ହେଉଛି, ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଘଟଣକୁ ନେଇ ସରକାର ଓ ପ୍ରଶାସନ ଯେତିକି ତତ୍ପରତା ଦେଖାଇଛନ୍ତି । ଯଦି ପୂର୍ବରୁ ନାରୀ ନିର୍ଯାତନା ରୋକିବାକୁ ସେତିକି ସତର୍କ ଓ କଠୋର ହୋଇଥିଲେ ଆଜି ଏଭଳି ଦିନ ଦେଖିବାକୁ ପଡିନଥାନ୍ତା । ଭାରତରେ ନାରୀ ନିର୍ଯାତନା ବୃଦ୍ଧିର କାରଣ ନିର୍ଣ୍ଣୟ ପାଇଁ ଅନେକ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇପାରେ । ଅତ୍ୟାଧୁନିକତାର ବଶବର୍ତ୍ତୀ ହୋଇ କ୍ରମେ ପାଶ୍ଚାତ୍ୟ ଚଳଣିକୁ ଆପଣାଇ ନେଉଛି । ଫଳରେ ଦୀର୍ଘଦିନରୁ ପ୍ରଚଳିତ ଧାର୍ମିକ ପରମ୍ପରା ଆଧ୍ୟାତ୍ମିକ ଭାବନାଠାରୁ ଦୂରେଇଯାଉଛି । ନିଷ୍ଠାପରତାର ସହ ଓଷାବ୍ରତ ପାଳନ ଆଉ ପୂର୍ବପରି ଦୃଶ୍ୟମାନ ହେଉନାହିଁ । ଉଚ୍ଛୃଙ୍ଖଳ ଜୀବନଚର୍ଯ୍ୟା, ଭୟଶୂନ୍ୟ ବାତାବରଣ, ମାତାପିତାଙ୍କର ପିଲାମାନଙ୍କର ସ୍ୱେଚ୍ଛାଚାରିତାକୁ ଅନ୍ଧ ଭାବେ ଅନୁମୋଦନ, ନୈତିକତାବିହୀନ ବ୍ୟବସାୟିକ ଶିକ୍ଷା ଇତ୍ୟାଦି ନାରୀ ପାଇଁ ବିଶୃଙ୍ଖଳା ଆଚରଣ ନିମିତ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିଛି । କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାର ମହିଳାଙ୍କ ଉନ୍ନତି ଓ ସୁରକ୍ଷା ପାଇଁ ବାଧ୍ୟ ହୋଇ ଶକ୍ତିଶ୍ରୀ ଯୋଜନା ଭଳି ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି । ନ । ର । ଙ୍କ ସୁରକ୍ଷା ଓ ସମ୍ମାନ ଆମ ସମାଜର ଏକ ପ୍ରମୁଖ କର୍ତ୍ତବ୍ୟ । ଏକ ସୁସ୍ଥ ଏବଂ ପ୍ରଗତିଶୀଳ ସମାଜ ଗଠନ ପାଇଁ ମହିଳାମାନଙ୍କୁ ସୁରକ୍ଷିତ ମାହୋଲ ଯୋଗାଇଦେବା ଆମ ସମସ୍ତଙ୍କର ଦାୟିତ୍ୱ । ତେଣୁ,ନାରୀମାନଙ୍କୁ ନିଜର ସୁରକ୍ଷା ପାଇଁ କାହା ଉପରେ ନିର୍ଭରଶୀଳ ନ ହୋଇ ନିଜେ ନିଜକୁ ସୁରକ୍ଷା ଦେବା ଉଚିତ ।

*ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ*
*ଲିଙ୍ଗେଶ୍ୱଦେବୀ ସ୍ନାତକ ମହାବିଦ୍ୟାଳୟ*
*ନନ୍ଦପୁର, ଜିଲ୍ଲା: କୋରାପୁଟ*

## ଟେକ୍ନୋଲୋଜି : ଭର୍ଚୁଆଲ୍ ରିଆଲିଟି

### ॥ ମନସିଜ୍ ଦାସ ॥

ଟେକ୍ନୋଲୋଜିରେ ଦିନକୁ ଦିନ ପରିବର୍ତନ ଘଟୁଛି, ଯେଉଁଥିରେ ଭର୍ଚୁଆଲ ରିଆଲିଟିର ବ୍ୟବହାର ବଢୁଥିବା ଦେଖିବାକୁ ମିଳୁଛି । ବିଶେଷକରି ଯୁବପିଢ଼ି ଭିଡ଼ିଓ ଗେମିଂ କ୍ଷେତ୍ରରେ ଏହାର ସବୁଠୁ ଅଧିକ ବ୍ୟବହାର କରୁଛନ୍ତି । କେବଳ ଏତିକି ନୁହେଁ ଏବେ ଏହି ଟେକ୍ନୋଲୋଜିକୁ ବ୍ୟବହାର କରି ରୋଚକ ଢ଼ଙ୍ଗରେ ଅନଲାଇନ କ୍ଲାସ ନେବା ସହ ଜବ ପାଇଁ ଟ୍ରେନିଂ ଦେବା କାର୍ଯ୍ୟ ମଧ୍ୟ କରାଯାଉଛି । ଇଣ୍ଡଷ୍ଟ୍ରି ରିପୋର୍ଟ ମୁତାବକ ଗତ କିଛି ବର୍ଷ ହେବ ଆମ ଦେଶରେ ଭିଆର ମାର୍କେଟ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଆଗକୁ ଆହୁରି କରାଯିବାକୁ ଯୋଜନା କରାଯାଉଛି, ଯେଉଁଥିପାଇଁ ଆଗାମୀ ଦିନରେ ଯୁବପିଢ଼ିଙ୍କ ପାଇଁ ଭିଆର ଆପ୍ଲିକେଶନ ଆଧାରିତ ଜବ୍ ସମ୍ଭାବନା ମଧ୍ୟ ବୃଦ୍ଧି ପାଇବ ।

ଦିନକୁ ଦିନ ଭର୍ଚୁଆଲ ରିଆଲିଟିର ଉପଯୋଗ ବଢ଼ିବାରେ ଲାଗିଛି । କାରଣ ଅବାସ୍ତବ ହେଲେ ବି ଏହା ଏକ ଏଭଳି ବାସ୍ତବ ଓ ପ୍ରକୃତ ପରିବେଶର ଭ୍ରମ ସୃଷ୍ଟି କରେ, ଯାହାକି ମଣିଷକୁ ଏକ ଭିନ୍ନ ଧରଣର ରୋମାଂଚକର ଅନୁଭବ ଦେଇଥାଏ । ଯେଉଁଥିରେ ଏହା ମଣିଷକୁ ଏଭଳି ଏକ ଦୁନିଆରେ ପହଂଚାଇ ଦେଇଥାଏ, ଯାହାକୁ ନା କେବଳ ନିଜ ଇଚ୍ଛା ଅନୁସାରେ କଂଟ୍ରୋଲ କରାଯାଇପାରେ ବରଂ ଏହାର ଆଖପାଖର ବାତାବରଣ ସହିତ ଇଂଟରଆକ୍ଟ ମଧ୍ୟ କରାଯାଇପାରେ । ଯେଉଁଥିପାଇଁ ଗେମିଂ ଏବଂ ଏଂଟରଟେନମେଂଟ କ୍ଷେତ୍ରରେ ଏହାର ବହୁଳ ବ୍ୟବହାର କରାଯାଉଛି । ଯାହାଦ୍ୱାରା ୟୁଜରଙ୍କୁ ଗୋଟିଏ ସ୍ଥାନରେ ବସି ଫିଲ୍ଡରେ ଖେଳିବା, ରାସ୍ତାରେ ବାଇକ କିମ୍ବା କାର ରେସିଂ କରିବା ଭଳି ପ୍ରକୃତରେ ଖେଳିବା ଭଳି ଅନୁଭବ ମିଳିପାରୁଛି । ସେହିପରି ମ୍ୟୁଜିକ ଓ ଡାନ୍ସ ଲଭରଙ୍କୁ ଘରେ ବସି ଭିଆର ଦ୍ୱାରା ହଲରେ ବସି ଫିଲ୍ମ ଦେଖିବା ଲାଇଭ ମ୍ୟୁଜିକ କନ୍ସର୍ଟ ଆଟେଣ୍ଡ କରିବାର ମଜା ମିଳିପାରୁଛି । କେବଳ ଏତିକି ନୁହେଁ ଆକ୍ଟିଭ ଲାଇଫଷ୍ଟାଇଲ ପାଇଁ ବର୍ତମାନ ଭିଆର ଏକ୍ସରସାଇଜ ଗେମ ବି ଖୁବ ଡିମାଣ୍ଡରେ ରହୁଛି । ସେହିପରି ଶିକ୍ଷାକ୍ଷେତ୍ରରେ ଏହାକୁ ବ୍ୟବହାର କରାଯିବା ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ ପାଇଁ ଭର୍ଚୁଆଲ ଶିକ୍ଷା ବି ଅଧିକ ଇଂଟରଆକ୍ଟିଭ ଏବଂ ଇଂଟରେଷ୍ଟିଙ୍ଗ ହୋଇପାରୁଛି । ଉଦାହରଣ ସ୍ୱରୂପ ଭିଆର ଦ୍ୱାରା ପ୍ରସ୍ତୁତ ଦି ମ୍ୟାଜିକ ସ୍କୁଲ ବସକୁ ନିଆଯାଇପାରେ । ଯେଉଁଥିରେ ଛାତ୍ରଛାତ୍ରୀମାନେ ଘରେ ବସି ବିଭିନ୍ନ ସ୍ଥାନକୁ ଫିଲ୍ଡ ଟ୍ରିପରେ ଯିବା, ଚନ୍ଦ୍ରପୃଷ୍ଠରେ ଠିଆ ହେବା, ଇଂଟରନାଶନାଲ ସ୍ପେଶ ସେଂଟର ଭିତରେ ଠିଆ ହେବା ଭଳି ଅନୁଭବ କରିପାରିବେ । ଚିକିତ୍ସା କ୍ଷେତ୍ରରେ ମଧ୍ୟ ଭର୍ଚୁଆଲ ରିଆଲିଟିକୁ ବ୍ୟବହାର କରାଯାଉଛି । ବିଶେଷକରି ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧିତ ବିଭିନ୍ନ ଥେରାପି ପାଇଁ ଭିଆର ବେଶ ଉପଯୋଗୀ ହୋଇପାରୁଛି ।

ଗେମ, ସ୍ୱାସ୍ଥ୍ୟସେବା, ଶିକ୍ଷା, ମନୋରଞ୍ଜନ ଠାରୁ ଆରମ୍ଭ କରି ଆହୁରି ଅନେକ କ୍ଷେତ୍ରରେ ଭର୍ଚୁଆଲ ରିଆଲିଟି ଟେକନିକର ବ୍ୟବହାର ବୃଦ୍ଧି ପାଇଛି । ତେଣୁ ଏକ୍ଷେତ୍ରରେ ଯୁବପିଢ଼ିଙ୍କ ପାଇଁ ଅଧିକରୁ ଅଧିକ ଜବ ଅପ୍ସନ ମିଳିପାରୁଛି । ଆଗ୍ରହୀ ଯୁବପିଢ଼ି ଏହାକୁ ଶିଖି ଗେମ ଡେଭେଲପର, ଭିଆର କଂଟେଂଟ କ୍ରିଏଟର, ଭିଆର ଇଞ୍ଜିନିୟର, ଭିଆର ଥେରାପିଷ୍ଟ ଭାବେ କାର୍ଯ୍ୟ କରିପାରିବେ । ଭିଆର ସ୍କିଲ ଥିବା ପ୍ରଫେଶନାଲଙ୍କ ପାଇଁ ବର୍ତମାନ ଆପ୍ଲିକେଶନ ଏବଂ ଗେମ ଡେଭେଲପମେଂଟ କ୍ଷେତ୍ରରେ ଅଧିକ ନିଯୁକ୍ତି ସୁଯୋଗ ମିଳୁଛି । ଥ୍ରୀଡ଼ି ମଡ଼େଲିଂ, ଆନିମେଶନ ଭଳି କାର୍ଯ୍ୟ ପାଇଁ ଆଜିର ଦିନରେ ଏହାର ବହୁତ ବ୍ୟବହାର କରାଯାଉଛି । ଏହାଦ୍ୱାରା ଉପଭୋକ୍ତାଙ୍କ ପାଇଁ ବିଭିନ୍ନ ଓ୍ୱେବସାଇଟ ଏବଂ ଆପ ବ୍ୟବହାରକୁ ଅଧିକ ସହଜ ଓ ଇଂଟରଆକ୍ଟିଭ କରିବା ଲାଗି ଏହାର ୟୁଜର ଏକ୍ସପେରିଏନ୍ସ ଏବଂ ୟୁଜର ଇଂଟରଫେସକୁ ଭିଆର ମାଧ୍ୟମରେ ଥ୍ରୀଡ଼ି ଡିଜାଇନ ପ୍ରସ୍ତୁତ କରାଯାଉଛି । ତେଣୁ ଏକ୍ଷେତ୍ରରେ ଯୁବପିଢ଼ିଙ୍କୁ ଭିଆର ଡେଭେଲପର, ଭିଆର କଂଟେଂଟ କ୍ରିଏଟର, ଥ୍ରୀଡ଼ି ଆର୍ଟିଷ୍ଟ, ୟୁଏକ୍ସ/ୟୁଆଇ ଡିଜାଇନର ଭାବେ ଅନେକ ଜବ ଅପ୍ସନ ମିଳୁଛି । ଗେମ ଡେଭେଲପମେଂଟ କମ୍ପାନୀ, ସଫ୍ଟୱେୟର ଡେଭେଲପମେଂଟ ଫାର୍ମ, ଶିକ୍ଷା ସଂସ୍ଥା, ହେଲଥ କେୟାର ଫାର୍ମ, ମନୋରଞ୍ଜନ ଉଦ୍ୟୋଗ ଗୁଡ଼ିକରେ ବର୍ତମାନ ଭିଆର ପ୍ରଫେସନାଲଙ୍କୁ ଅଧିକ ହାୟର କରୁଥିବା ଦେଖିବାକୁ ମିଳୁଛି ।

କିପରି ବଢ଼ାଇବେ ଦକ୍ଷତା, ଆସନ୍ତୁ ଜାଣିବା । ଭିଆର ବର୍ତମାନ ଏକ ଭଲ କ୍ୟାରିୟର ଅପ୍ସନ ପାଲଟିଛି । ତେଣୁ ଭିଆର କ୍ଷେତ୍ରରେ ରୁଚି ରଖୁଥିବା ଯୁବପିଢ଼ି ଏ ନେଇ ପ୍ରଫେଶନାଲ କୋର୍ସ କରି ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ପାଇପାରିବେ । ଯେଉଁମାନଙ୍କ ପାଖରେ ଟେକ୍ନିକାଲ ନଲେଜ ସହିତ କିଛି ନୂଆ ଏବଂ ୟୁନିକ କରିବାର କ୍ରିଏଟିଭିଟି ରହିଛି, ସେମାନେ ଭିଆର ସମ୍ବନ୍ଧିତ କୋର୍ସ, ଟ୍ରେନିଂ ପ୍ରୋଗ୍ରାମ ମାଧ୍ୟମରେ ଦକ୍ଷତା ହାସଲ କରିପାରିବେ । ଯଦିଓ ଏହି ଫିଲ୍ଡରେ କ୍ୟାରିୟର ଗଢ଼ିବା ଲାଗି କୌଣସି ଖାସ ଡିଗ୍ରୀର ଆବଶ୍ୟକତା ନାହିଁ, ତେଣୁ ଯେକୌଣସି ଫିଲ୍ଡରେ ଗ୍ରାଜୁଏଶନ କରିବା ପରେ ଏଥିପାଇଁ ପ୍ରଫେଶନାଲ କୋର୍ସ କରିପାରିବେ । କମ୍ପ୍ୟୁଟର ସାଇନ୍ସ, ଗେମ ଡେଭେଲପମେଂଟ, ଗ୍ରାଫିକ ଡିଜାଇନ ଭଳି ବିଭିନ୍ନ କୋର୍ସ ମଧ୍ୟ କରିପାରିବେ । ଏହା ବ୍ୟତୀତ ଏଥିପାଇଁ ସି++, ସି ପାଇଥନ ଭଳି କେତେକ ପ୍ରୋଗ୍ରାମିଂ ଲାଙ୍ଗୁଏଜ ସହିତ ୟୁନିଟ, ଅନରିଅଲ ଇଞ୍ଜିନ ଭଳି ଥ୍ରୀଡ଼ି ମଡ଼େଲିଂ ସଫ୍ଟୱେରରେ କାମ କରିବାର ଦକ୍ଷତା ଆବଶ୍ୟକ । ଅନଲାଇନରେ ମଧ୍ୟ ଭିଆର ଶିଖିବା ପାଇଁ କୋର୍ସେର, ଟେକ୍ନିକାଲ ପ୍ଲାଟଫର୍ମ ଉପଲବ୍ଧ । ଶିଖିବା ପରେ ବିଭିନ୍ନ ଫାର୍ମରେ ଇଂଟର୍ନଶିପ କରି ପ୍ରଥମେ ଦକ୍ଷତା ବୃଦ୍ଧି କରିବାକୁ ଚେଷ୍ଟା କରିବା ଆବଶ୍ୟକ । ଏ ଦିଗରେ ଦକ୍ଷତା ଥିଲେ ଅଧିକ ଦରମାଯୁକ୍ତ ଜବ ପାଇପାରିବେ । ସବୁଠାରୁ ବଡ଼ କଥା ହେଉଛି ଆତ୍ମବିଶ୍ୱାସ, ଗଭୀର ଅଧ୍ୟବସାୟ, ନିଷ୍ଠା ଓ ସାଧୁତା, ସମୟାନୁବର୍ତିତା ହିଁ ଲକ୍ଷ୍ୟ ସାଧନ କରିପାରିଥାଏ । ଜୀବନରେ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ସବୁଠାରୁ ଶିକ୍ଷଣୀୟ କଥାଟି ହେଉଛି ଆହ୍ୱାନକୁ ପୂର୍ଣ୍ଣ ସାମର୍ଥ୍ୟର ସହ ସାମ୍ନା କର ଏବଂ ବିଜୟପ୍ରାପ୍ତ ହୁଅ । ଟେକ୍ନୋଲୋଜି କ୍ଷେତ୍ରରେ ଭର୍ଚୁଆଲ ରିୟଲିଟି ନିଶ୍ଚିନ୍ତ ଭାବରେ ଏକ ଆହ୍ୱାନ ।

*ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ,*
*ଗୁରୁଗ୍ରାମ, ହରିୟାଣା*

